## ସଂକ୍ଷେପରେ

### କଟୁରି ଚୋଟରେ ଦମ୍ପତି ଗୁରୁତର

ଛେଣ୍ଡିପଦା,୧୮।୬(ସ୍ୱ.ପ୍ର.): ଛେଣ୍ଡିପଦା ଥାନା ପୋଡାପଡା ଗ୍ରାମରେ ଶୁକ୍ରବାର ପାରିବାରିକ କଳହକୁ ନେଇ କଟୁରି ଚୋଟରେ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ପୋଡାପଡା ଗ୍ରାମର ଶିବରାମ ନାଏକ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ନାଏକ। ସୂଚନାଯୋଗ୍ୟ, ପୋଡାପଡା ଗ୍ରାମର ଶିବରାମ ଓ ତାଙ୍କ ଭାଇ କେଦାରଙ୍କ ପରିବାର ମଧ୍ୟରେ ଘରୋଇ କଳହକୁ ନେଇ ଦୀର୍ଘବର୍ଷ ହେବ ବିବାଦ ଲାଗି ରହିଛି। ଶୁକ୍ରବାର ସକାଳେ ଏହା ଉଗ୍ରରୂପ ନେଇଥିଲା। କେଦାର ଓ ତାଙ୍କ ୩ ପୁଅ ସଂଘବଦ୍ଧ ଭାବେ ଶିବରାମଙ୍କୁ କଟୁରୀ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ସ୍ୱାମୀଙ୍କୁ ବଞ୍ଚାଇବାକୁ ସ୍ତ୍ରୀ ସାବିତ୍ରୀ ଉଦ୍ୟମ କରିବାରୁ କଟୁରୀ ଚୋଟରେ ଲହୁଲୁହାଣ ହୋଇଥିଲେ। ପରିବାର ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ଶିବରାମ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଚଳାଇଛି।

### ଚୋରା କେନ୍ଦୁପତ୍ର ଜବତ

ମାଧପୁର,୧୮।୬: ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳର ଟୁସର ପଞ୍ଚାୟତ ଚିରିଗୁଣଖୁଲ ନିକଟରୁ ଶୁକ୍ରବାର ସନ୍ଧ୍ୟାରେ ମାଧପୁର ରେଞ୍ଜ ଏବଂ କିଆକଟା ପୋଲିସ ମିଳିତ ଚଢ଼ାଉ କରି ଏକ ଚୋରା କେନ୍ଦୁପତ୍ର ବୋଝେଇ ପିକଅପ ଭ୍ୟାନ ଜବତ କରିଛି। ଏଥିସହ ଗାଡ଼ିରୁ ୩୫ ବଣ୍ଡଲ କେନ୍ଦୁପତ୍ର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ମାଧପୁର ରେଞ୍ଜର ସନ୍ତୋଷ ଭୋଇଙ୍କ ନିର୍ଦ୍ଦେଶରେ କିଆକଟା ଫରେଷ୍ଟର ଲିଙ୍ଗରାଜ ବେହେରା, ମାଧପୁର ଫରେଷ୍ଟର ବାବୁଲି ପଧାନ, ଫରେଷ୍ଟଗାର୍ଡ ଦାମୋଦର ପ୍ରଧାନ ଏବଂ କିଆକଟା ପୋଲିସ ଆଇଆଇସି ଅନାମ ଲାକ୍ରା ଚଢ଼ାଉ କରିଥିଲେ।

### ପଞ୍ଚାୟତ ବାରଣ୍ଡାରେ ୩ ଦିନ
#### ସଂକ୍ରମିତ ମା' ଓ ପୁଅ ଗଲେ ମେଡିକାଲ

ଅନୁଗୋଳ ଅଫିସ,୧୮।୬: ସଙ୍ଗରୋଧରେ ରହିବାକୁ ଘରେ ସୁବିଧା ନ ଥିବାରୁ କରୋନା ସଂକ୍ରମିତ ମା' ଓ ପୁଅ ପଞ୍ଚାୟତ ଅଫିସ ବାରଣ୍ଡାରେ ୩ ଦିନ ପଡ଼ିରହିବା କଣିହାଁ ବ୍ଲକରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଶୁକ୍ରବାର କେତେଜଣ ରାଜନୈତିକ ବ୍ୟକ୍ତି ସହଯୋଗର ହାତ ବଢ଼ାଇବାରୁ ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ପରାବିଲ ଗ୍ରାମର ଗଗନ ସାହୁ ଓ ତାଙ୍କ ବୃଦ୍ଧା ମା' ଶ୍ରୀମତୀ ସାହୁ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେମାନଙ୍କ ଭଙ୍ଗା ଘରେ ପରିବାରର ଅନ୍ୟମାନେ ରହୁଥିବାରୁ ବାଧହୋଇ ଦୁହେଁ ପଞ୍ଚାୟତ ଅଫିସ ବାରଣ୍ଡାକୁ ଚାଲି ଆସିଥିଲେ। ଏ ନେଇ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି କହିଛନ୍ତି,ଏପରି ଖବର ପାଇ ତୁରନ୍ତ କର୍ମକର୍ତ୍ତାଙ୍କ ସହାୟତାରେ ଆମ୍ବୁଲାନ୍ସ ଦ୍ୱାରା ଉଭୟଙ୍କୁ ମେଡିକାଲ ପଠାଯାଇଛି। ସରପଞ୍ଚ ବଂଶୀଧର ସାହୁ କହିଛନ୍ତି, ନିର୍ବାହୀ ଅଧିକାରୀ ପଜିଟିଭ୍ ଥିବାରୁ ଅଫିସ ଆସୁନାହାନ୍ତି। ଗୁରୁବାର ଘଟଣା ସମ୍ପର୍କରେ ଜାଣି ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ଏକ ଘରକୁ ସ୍ଥାନାନ୍ତର ପାଇଁ ପ୍ରୟାସ କରିଥିଲେ। ବୃଦ୍ଧା ଜଣକ ଚାଲି ପାରୁ ନ ଥିବାରୁ ତାହା ସମ୍ଭବ ହୋଇପାରି ନ ଥିଲା।

### ଠିକାଶ୍ରମିକ କଂଗ୍ରେସ ପକ୍ଷରୁ ଦାବିପତ୍ର



ତାଳଚେର,୧୮।୬(ନି.ପ୍ର): ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ରୁ କୋଇଲା ପରିବହନ କରୁଥିବା ହାଇୱା ଏବଂ କଣ୍ଟେନର ଗୁଡ଼ିକରେ ପାଲ ଘୋଡ଼ା ଯାଉ ନ ଥିବାରୁ ଏଠାରେ ପ୍ରଦୂଷଣ ମାତ୍ର ବଢ଼ି ଚାଲିଛି। ଫଳରେ ତାଳଚେରବାସୀ ନାନା ରୋଗର ଶିକାର ହେଉଛନ୍ତି। ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରଶାସନ, ଖଣି କର୍ତ୍ତୃପକ୍ଷ, ପ୍ରଦୂଷଣ ବିଭାଗକୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ତେଣୁ ସମସ୍ତ କୋଇଲା ପରିବହନକାରୀ ଗାଡ଼ି ପାଲ ଘୋଡ଼ାଇ ନେବା ଦାବିରେ ଶୁକ୍ରବାର ମହାନଦୀ କୋଇଲା ଠିକାଶ୍ରମିକ କଂଗ୍ରେସ ସଭାପତି ରାଜକିଶୋର ସାହୁ, ଜିନେସ ସାହୁ ଓ ଡାକ୍ତର ମହାନ୍ତି ପ୍ରମୁଖ ତାଳଚେର ଉପଜିଲାପାଳଙ୍କ ଅନୁପସ୍ଥିତରେ ଏକ ଦାବିପତ୍ର ସହକାରୀ ଜିଲାପାଳ ମିନର୍ଭା ନାୟକଙ୍କୁ ପ୍ରଦାନ କରିଛନ୍ତି।

# ସଂକ୍ରମଣ ଖସୁଛି, ସଞ୍ଜୀବନୀ ବଢୁଛି



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକା ନେବାକୁ ଯୁବବର୍ଗଙ୍କ ପ୍ରବଳ ଭିଡ଼।

ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୧୮।୬

- ଅନୁଗୋଳ ଜିଲାରେ ୨ ଲକ୍ଷ ଲୋକଙ୍କୁ ଦିଆଗଲାଣି ଟିକା
- ପ୍ରଥମ ଡୋଜ ନେଇଛନ୍ତି ଦେଢ଼ଲକ୍ଷ ବରିଷ୍ଠ ନାଗରିକ
- ସରକାରୀ ନିୟମ ଯୋଗୁ ପଛରେ ଅଛନ୍ତି ଯୁବବର୍ଗ

ଅନୁଗୋଳ ଜିଲାରେ ହଠାତ୍ ବଢ଼ିଯାଇଥିଲା କରୋନା ସଂକ୍ରମଣ। ପ୍ରଶାସନର ପୂର୍ବ ପ୍ରସ୍ତୁତି ସତ୍ତ୍ୱେ ନିୟନ୍ତ୍ରଣରେ ନ ଥିଲା ପରିସ୍ଥିତି। ଏପରି କି କିଛିଦିନ ଧରି ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ପାଖାପାଖି ରହୁଥିଲା। ମୃତ୍ୟୁ ସଂଖ୍ୟାରେ ମଧ୍ୟ ସପ୍ତାହେ ଧରି ରାଜ୍ୟରେ ଆଗୁଆ ଥିଲା ଅନୁଗୋଳ। ହେଲେ ଏବେ ସ୍ଥିତିରେ ସୁଧାର ଆସିଛି। ନୂଆ ସଂକ୍ରମିତ ଚିହ୍ନଟ ଅପେକ୍ଷା ପ୍ରତିଦିନ ଅଧିକ ଲୋକ ମହାମାରୀରୁ ସୁସ୍ଥ ହେଉଛନ୍ତି। ସେହିପରି ଜିଲାରେ ଟିକାକରଣ ମଧ୍ୟ ଜୋର୍ ଧରିଛି। ଇତିମଧ୍ୟରେ ୨ ଲକ୍ଷରୁ ଅଧିକ ଲୋକଙ୍କୁ ଏହି ସୁରକ୍ଷା କବଚ ଧାରଣ କରାଯାଇ ସାରିଲାଣି। ସଞ୍ଜୀବନୀ ନେବାରେ ବୟସ୍କ ଆଗରେ ଥିବାବେଳେ ଯୁବବର୍ଗ ପଛରେ ଅଛନ୍ତି। ପୂର୍ବାପେକ୍ଷା ଟିକା ଯୋଗାଣ ବଢ଼ିଥିଲେ ବି ଆହୁରି ଅଧିକ ଅଣାଯିବାକୁ ଜିଲାବାସୀ ଦାବି କରୁଛନ୍ତି।

ଜାନୁୟାରୀ ୧୬ ତାରିଖରୁ ଅନୁଗୋଳ ଜିଲାକୁ ଟିକା ଯୋଗାଣ ଆରମ୍ଭ ହୋଇଥିଲା। ପ୍ରଥମେ ଆସୁଥିବା ଅତି ସ୍ୱଳ୍ପ ପରିମାଣର ଟିକା ଡାକ୍ତର, ନର୍ସଙ୍କ ପରି ମେଡିକାଲ ସମ୍ମୁଖ ଯୋଦ୍ଧାଙ୍କୁ ପ୍ରଦାନ କରାଯାଉଥିଲା। ଏହାପରେ ଅନ୍ୟ କୋଭିଡ୍ ଯୋଦ୍ଧାଙ୍କ ଟିକାକରଣ ଆରମ୍ଭ ହୋଇଥିଲା। ଧୀରେ ଧୀରେ ଏହି ପ୍ରକ୍ରିୟା ଆଗକୁ ବଢୁଥିବା ବେଳେ ଏଥିରେ ସାମିଲ ହୋଇଥିଲେ ବରିଷ୍ଠ ନାଗରିକ। ତେବେ ଦ୍ୱିତୀୟ ଲହରର ଭୟାବହତାକୁ ଦୃଷ୍ଟିରେ ରଖି ସରକାର ଟିକା ଯୋଗାଣ ଓ ଟିକାଦାନ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ତେଣୁ ଜିଲାରେ ୪ରୁ ୫ ହଜାର ଟିକା ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ଭ୍ୟାକ୍ସିନେଶନକୁ ଅଧିକ ତ୍ୱରାନ୍ୱିତ କରାଯାଇଥିଲା। ଏପରି କି ରାଜ୍ୟର ପ୍ରଥମ ଜିଲା ଭାବେ ଅନୁଗୋଳରେ ମେଗା ଟିକାକରଣର ଶୁଭାରମ୍ଭ ହୋଇଥିଲା। ଏଣିକି ବିନା ସ୍ଲଟ ବୁକିଂରେ ମଧ୍ୟ ଟିକାଦାନ କରାଯାଇପାରିବ ବୋଲି ସରକାର ନିୟମ କରିଥିବାରୁ ଯୁବବର୍ଗ ଏହାଦ୍ୱାରା ଉପକୃତ ହୋଇପାରିବେ। ଶୁକ୍ରବାର ଜିଲାକୁ ୮ ହଜାର ଟିକା ମିଳିଥିବାରୁ ପ୍ରଶାସନ ପକ୍ଷରୁ ସନ୍ତୋଷବ୍ୟକ୍ତ କରାଯାଇଛି। ଆଗାମୀ ଦିନରେ ଟିକା ଯୋଗାଣ ବଢ଼ିଲେ ଅଧିକରୁ ଅଧିକ ଲୋକଙ୍କୁ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଦେବାରେ ସୁବିଧା ହେବ ବୋଲି କୁହାଯାଇଛି। ଜିଲାର ଲୋକ ସଂଖ୍ୟା ୧୨ ଲକ୍ଷରୁ ଅଧିକ ହୋଇଥିବାବେଳେ ଅଦ୍ୟାବଧି ୨ ଲକ୍ଷ ୧୧ ହଜାର ୨୮୫ ଜଣ ଟିକା ନେଇସାରିଛନ୍ତି। ଅନ୍ୟପକ୍ଷରେ ଜିଲାରେ ସଂକ୍ରମଣ ଏବେ ତଳମୁହାଁ ହୋଇଛି। ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୦ ହଜାର ପାଖାପାଖି ପହଞ୍ଚିଥିବାବେଳେ ବର୍ତ୍ତମାନ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ମାତ୍ର ୨୪୭୬ରେ ରହିଛି। ସୁସ୍ଥ ହାର ୯୩.୩୧ ପ୍ରତିଶତକୁ ବୃଦ୍ଧି ପାଇଛି। ମୋଟ୍ ୧୫୭ ଜଣଙ୍କ ଜୀବନହାନି ଘଟିଥିଲେ ମଧ୍ୟ ପ୍ରାୟ ସପ୍ତାହେ ହେଲା ଦୈନିକ ମୃତ୍ୟୁ ତାଲିକାରେ ଅନୁଗୋଳ ନ ରହିବା ବଡ଼ ଆଶ୍ୱାସନା ହୋଇଛି। ସଂକ୍ରମଣ କାବୁରେ ରହିବା ଅଧିକ ଟିକାକରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଜିଲାରେ ଟିକାକରଣକୁ ନେଇ ଯୁବବର୍ଗ ଅସନ୍ତୁଷ୍ଟ ରହିଛନ୍ତି। ୧୮ରୁ ୪୪ ବର୍ଗ ମଧ୍ୟରେ ଏଯାଏ ମାତ୍ର ୧୦ ହଜାର ୭୨୦ ଜଣଙ୍କୁ ପ୍ରଥମ ଡୋଜ୍ ଦିଆଯାଇଥିବାରୁ କେବେ ସମସ୍ତଙ୍କୁ ଏହି ସୁରକ୍ଷା କବଚ ପିନ୍ଧାଯିବ ତାହା ସେମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାଛଡ଼ା ବ୍ୟାପକ ଶିଳ୍ପାୟନ ଯୋଗୁ ଅନୁଗୋଳ ଜିଲାବାସୀ ପ୍ରଦୂଷଣ ବଳୟ ମଧ୍ୟରେ ରହି ଫୁସ୍‌ଫୁସ୍ ସଂକ୍ରମଣ ଜନିତ ରୋଗର ଶିକାର ହେଉଥିବା ବେଳେ ଏପରି ମହାମାରୀ ସେମାନଙ୍କ ଜୀବନ ପ୍ରତି ଅଧିକ ବିପଦ ସୃଷ୍ଟି କରୁଛି। ତେଣୁ ଟିକାକରଣରେ ଜିଲାକୁ ପ୍ରାଧାନ୍ୟ ଦିଆଯିବା ଜରୁରୀ ବୋଲି ଯୁବପିଢ଼ି ମତ ଦେଇଛନ୍ତି।

**ଅନୁଗୋଳ ଜିଲାରେ ୧୬ ଜାନୁୟାରୀରୁ ଜୁନ ୧୮ ତାରିଖ ମଧ୍ୟରେ ହୋଇଥିବା ଟିକାକରଣ ତାଲିକା**

| | ସ୍ୱାସ୍ଥ୍ୟକର୍ମୀ | | ସମ୍ମୁଖ ଯୋଦ୍ଧା | | ବରିଷ୍ଠ ନାଗରିକ | | ୧୮ ରୁ ୪୪ ବର୍ଗ | | |
|---|---|---|---|---|---|---|---|---|---|
| ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ନାମ | ପ୍ରଥମ ଡୋଜ | ଦ୍ୱିତୀୟ ଡୋଜ | ପ୍ରଥମ ଡୋଜ | ଦ୍ୱିତୀୟ ଡୋଜ | ପ୍ରଥମ ଡୋଜ | ଦ୍ୱିତୀୟ ଡୋଜ | ପ୍ରଥମ ଡୋଜ | ଦ୍ୱିତୀୟ ଡୋଜ | ମୋଟ୍ |
| ଡିଏଚ୍ଏଚ୍ ଅନୁଗୋଳ | ୭୩୨ | ୫୯୪ | ୨୯୩୮ | ୨୧୨୧ | ୨୪୪୪୫ | ୭୦୧୦ | ୧୦୭୨୦ | ୦ | ୪୮୫୬୦ |
| ସିଏଚ୍ସି ବନ୍ତଲା | ୬୭୨ | ୬୦୬ | ୭୬୪ | ୫୦୭ | ୧୦୬୦୪ | ୯୯୧ | ୦ | ୦ | ୧୪୧୪୪ |
| ସିଏଚ୍ସି ବଣ୍ଡାରପାଳ | ୯୯୮ | ୮୩୪ | ୧୧୦୭ | ୭୧୩ | ୧୭୯୮୪ | ୭୧୪ | ୦ | ୦ | ୨୨୩୫୦ |
| ସିଏଚ୍ସି ଛେଣ୍ଡିପଦା | ୮୩୩ | ୬୯୯ | ୨୫୪ | ୧୮୫ | ୧୫୪୯୧ | ୧୪୫୧ | ୦ | ୦ | ୧୮୯୧୩ |
| ସିଏଚ୍ସି ଆର୍‌କେ ନଗର | ୪୫୭ | ୪୨୧ | ୧୯୩ | ୧୭୧ | ୯୬୩୪ | ୬୩୪ | ୦ | ୦ | ୧୧୫୧୦ |
| ସିଏଚ୍ସି ମାଧପୁର | ୬୧୮ | ୫୮୫ | ୫୭୯ | ୩୪୫ | ୧୨୯୧୩ | ୧୧୫୪ | ୦ | ୦ | ୧୬୧୯୪ |
| ସିଏଚ୍ସି କଣିହାଁ | ୭୪୨ | ୬୫୮ | ୧୨୪୭ | ୩୮୬ | ୧୮୨୮୦ | ୧୬୩୬ | ୦ | ୦ | ୨୨୯୪୯ |
| ସିଏଚ୍ସି ଖମାର | ୫୪୨ | ୫୧୭ | ୨୩୧ | ୨୦୯ | ୬୯୦୬ | ୮୮୩ | ୦ | ୦ | ୯୨୮୮ |
| ସିଏଚ୍ସି ଗୋଡ଼ିବନ୍ଧ | ୧୩୧୪ | ୧୪୬୬ | ୧୦୩୫ | ୬୨୯ | ୧୬୫୨୬ | ୯୯୭ | ୦ | ୦ | ୨୧୯୬୭ |
| ଏସ୍‌ଡିଏଚ୍ ତାଳଚେର | ୧୯୭ | ୬ | ୧୫୩୩ | ୭ | ୯୩୨୩ | ୨୩୩୮ | ୦ | ୦ | ୧୩୪୦୪ |
| ଏସ୍‌ଡିଏଚ୍ ପାଲଲହଡ଼ା | ୬୪ | ୧ | ୧୩୬ | ୨ | ୨୨୦୮ | ୬୦୦ | ୦ | ୦ | ୩୦୧୧ |
| ଏସ୍‌ଡିଏଚ୍ ଆଠମଲ୍ଲିକ | ୭୭ | ୭ | ୧୭୫ | ୪ | ୨୬୬୭ | ୧୦୮୯ | ୦ | ୦ | ୪୦୧୯ |
| ସାମଲ କେୟାର | ୦ | ୦ | ୦ | ୦ | ୧୭୭୬ | ୨୮୮ | ୦ | ୦ | ୨୦୬୪ |
| ଜେଏସ୍‌ପିଏଲ୍ ପିଭିଟି | ୦ | ୦ | ୦ | ୦ | ୫୮୫ | ୧୪ | ୦ | ୦ | ୫୯୯ |
| ସୁରେନ୍ଦ୍ର ହସ୍ପିଟାଲ | ୦ | ୦ | ୦ | ୦ | ୨୯୨ | ୦ | ୦ | ୦ | ୨୯୨ |
| ନାଲ୍‌କୋ ହସ୍ପିଟାଲ | ୦ | ୦ | ୦ | ୦ | ୧୪୨୨ | ୩୧ | ୦ | ୦ | ୧୪୫୩ |
| କ୍ରିସ୍ ହସ୍ପିଟାଲ | ୦୮ | ୦ | ୦ | ୦ | ୨ | ୦ | ୦ | ୦ | ୧୦ |
| କ୍ରିଷ୍ଣା କ୍ଲିନିକ୍ | ୦ | ୦ | ୦ | ୦ | ୪୯୪ | ୬୪ | ୦ | ୦ | ୫୫୮ |
| ମୋଟ୍ | ୭୨୫୪ | ୬୩୯୪ | ୧୦୧୯୨ | ୫୨୭୯ | ୧୫୧୫୫୨ | ୧୯୮୯୪ | ୧୦୭୨୦ | ୦ | ୨୧୧୨୮୫ |

### ଅଧିକ ଟିକାକରଣ ଉଦ୍ୟମ ଚାଲିଛି



ଜିଲାରେ ଟିକାକରଣ ଜାରି ରହିଛି। ସରକାର କରିଥିବା ନିୟମ ଅନୁଯାୟୀ ଜିଲାରେ ଟିକା ପହଞ୍ଚିବା ପରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିତରଣ କରାଯାଉଛି। ଯେତେଶୀଘ୍ର ସମ୍ଭବ ଜିଲାର ସମସ୍ତ ଲୋକଙ୍କୁ ଏହି ସୁରକ୍ଷା କବଚ ଦେବାକୁ ଉଦ୍ୟମ ଜାରି ରହିଛି। ଜିଲାକୁ ଟିକା ଯୋଗାଣ ସନ୍ତୋଷଜନକ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

### ପୂର୍ବାପେକ୍ଷା ପରିମାଣ ବଢ଼ିଛି



ଅନୁଗୋଳ ଜିଲାକୁ ପ୍ରଥମେ ସ୍ୱଳ୍ପ ପରିମାଣର ଟିକା ଆସୁଥିଲା। ଏବେ ସରକାରଙ୍କ ପକ୍ଷରୁ ଅଧିକ ଟିକା ପ୍ରଦାନ କରାଯାଉଛି। ଶୁକ୍ରବାର ଜିଲାରେ ୮ ହଜାର ଟିକା ପହଞ୍ଚିଛି। ସରକାର ଯେତେ ଅଧିକ ଦେବେ, ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଜରିଆରେ ସେତେ ଅଧିକ ଲୋକଙ୍କୁ ଏଥିରେ ସାମିଲ କରାଯାଇପାରିବ।

-ଡାକ୍ତର ଧନଞ୍ଜୟ ବେହେରା, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ)

### ଅନୁଗୋଳ ଜିଲାକୁ ପ୍ରାଧାନ୍ୟ ମିଳୁ



ପ୍ରଦୂଷିତ ଜିଲା ତାଲିକାରେ ଅନେକ ସମୟରେ ଅନୁଗୋଳ ରହୁଥିବାରୁ ଏଠାକାର ଲୋକ ନାନା ରୋଗର ଶିକାର ହେଉଛନ୍ତି। ଏହାଛଡ଼ା ଶିଳ୍ପରେ ଭରପୂର ଯୋଗୁ ରାଜ୍ୟ ବାହାରୁ ଅଧିକ ଲୋକଙ୍କ ଚଳପ୍ରଚଳ ରହୁଛି। ଏଥିପାଇଁ ଜିଲାରେ ସଂକ୍ରମଣ ଅନ୍ୟ ଜିଲା ତୁଳନାରେ ଅଧିକ ରହୁଛି। ତେଣୁ ଟିକା ପ୍ରଦାନରେ ଅନୁଗୋଳକୁ ପ୍ରାଧାନ୍ୟ ଦିଆଯିବା ଉଚିତ।

-ସ୍ୱପ୍ନା ଷଡ଼ଙ୍ଗୀ, ବୁଦ୍ଧିଜୀବୀ, ଅନୁଗୋଳ

### ସ୍ଲଟ୍ ବୁକିଂ କଷ୍ଟକର ହେଉଛି



ଜିଲାରେ ଟିକାକରଣ ବଢୁଥିଲେ ମଧ୍ୟ ସ୍ଲଟ୍ ବୁକିଂ କରିବା କଷ୍ଟକର ହୋଇପଡୁଛି। ଏହି ନିୟମରେ ସରକାର କିଛିଟା କୋହଳ କରିଛନ୍ତି। ଜୁନ ୨୧ରୁ ଟିକାଦାନର ବେଗ ବଢ଼ାଇବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଯୁବବର୍ଗଙ୍କୁ କିପରି ଶୀଘ୍ର ସୁରକ୍ଷା କବଚ ପ୍ରଦାନ କରାଯିବ ତାହା ଉପରେ ଜୋର୍ ଦିଆଯାଉ।

-ସୌଦାମିନୀ ବାରିକ୍, ଅନୁଗୋଳ

## ପ୍ରତିବାଦ ଦିବସ ପାଳିଲେ ଡାକ୍ତର

ଅନୁଗୋଳ ଅଫିସ,୧୮।୬

ଭାରତୀୟ ଚିକିତ୍ସକ ସଂଘ ଓ ଓମ୍‌ସା ଅନୁଗୋଳ ଶାଖା ମିଳିତ ଆନୁକୂଲ୍ୟରେ ଏକ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟରତ ଡାକ୍ତରଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ଡାକ୍ତରମାନେ କଳା ବ୍ୟାଜ୍ ପରିଧାନ କରି ରୋଗୀ ସେବା କରିଥିଲେ। ଏଥିରେ ଭାରତୀୟ ଚିକିତ୍ସକ ସଂଘ ଅନୁଗୋଳ ଶାଖା ସଭାପତି ଡା. ବିନୟ କୁମାର ନାଥ, ସମ୍ପାଦକ ଡା. ପ୍ରଭାତ କୁମାର ପଣ୍ଡା, ଡା. ବିଚ୍ଛନ୍ଦ ଚରଣ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଏବଂ ଓମ୍‌ସାର ସମସ୍ତ ଡାକ୍ତର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଦିଆଯାଇଥିଲା। ଏଥିରେ କେନ୍ଦ୍ରୀୟ ଆଇନ ମାଧ୍ୟମରେ ଡାକ୍ତରମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ଅନୁରୋଧ କରାଯାଇଛି।



ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ କଳା ବ୍ୟାଜ୍ ପରିଧାନ କରିଛନ୍ତି।

## ୧୭୫ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୧୮।୬

ଅନୁଗୋଳ ଜିଲାରୁ ଶୁକ୍ରବାର ୧୭୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ ସଂଖ୍ୟା ୩୯ ହଜାର ୪୧୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତମାନଙ୍କ ମଧ୍ୟରେ ବଣ୍ଡାରପାଳ ବ୍ଲକ ଅଞ୍ଚଳରୁ ୩୩ଜଣ, ଅନୁଗୋଳ ବ୍ଲକ ଅଞ୍ଚଳରୁ ୨୭, ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ୨୫, କଣିହାଁ ବ୍ଲକ ଅଞ୍ଚଳରୁ ୨୪, ତାଳଚେର ବ୍ଲକ ଅଞ୍ଚଳରୁ ୨୩, କିଶୋରନଗର ବ୍ଲକ ଅଞ୍ଚଳରୁ ୧୫, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୧୪, ଅନୁଗୋଳ ପୌରାଞ୍ଚଳରୁ ୮, ତାଳଚେର ପୌରାଞ୍ଚଳରୁ ୩, ପାଲଲହଡା ବ୍ଲକ ଅଞ୍ଚଳରୁ ୨ ଓ ଆଠମଲ୍ଲିକ ଏନଏସିରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୫୪ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୩୬୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## ଆଠମଲ୍ଲିକ ସିସିସିରେ ତାଲା

ଆଠମଲ୍ଲିକ,୧୮।୬(ଡି.ଏନ.ଏ.)

ଆଠମଲ୍ଲିକ କଲେଜ ଛାତ୍ରାବାସଠାରେ ଗତ ୨୫ ତାରିଖରେ ଉଦ୍‌ଘାଟିତ ହୋଇଥିବା କରୋନା ଯତ୍ନ କେନ୍ଦ୍ର (ସିସିସି)ରେ ଶୁକ୍ରବାରଠାରୁ ତାଲା ପଡ଼ିଛି। ଫଳରେ ସେଠାରେ ନିଯୁକ୍ତ ହୋଇଥିବା ୬ ଜଣ ଡାକ୍ତରୀ ଛାତ୍ରଙ୍କୁ ଏସ୍‌ସିବି ମେଡିକାଲ କଲେଜ ଫେରାଇ ନିଆଯାଇଥିବା ଜଣାଯାଇଛି। ସେହିପରି ସିସିସିରେ ଚିକିତ୍ସିତ ଥିବା ୨ କରୋନା ରୋଗୀଙ୍କୁ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଆଠମଲ୍ଲିକ ଉପଖଣ୍ଡର କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ଆଠମଲ୍ଲିକ କଲେଜ ଛାତ୍ରାବାସଠାରେ ଏକ ୪୦ ଶଯ୍ୟା ବିଶିଷ୍ଟ ସିସିସି ଖୋଲାଯାଇଥିଲା। ଏଠାରେ ୬ ଜଣ ଡାକ୍ତରୀ ଛାତ୍ର, ୫ ନର୍ସ, ୬ ଆଟେଣ୍ଡାଣ୍ଟ, ୬ ସୁଇପର, ୬ ସିକ୍ୟୁରିଟି ଗାର୍ଡ ଓ ଜଣେ ଡାଟାଏଣ୍ଟ୍ରି ଅପରେଟର ନିଯୁକ୍ତ ହୋଇଥିଲେ। ତେବେ ଉପଖଣ୍ଡରୁ ଏବେ ଦୈନିକ ପାଖାପାଖି ୫୦ ସଂକ୍ରମିତ ଚିହ୍ନଟ ହେଉଥିବା ବେଳେ ସିସିସି ବନ୍ଦ କରାଯିବା ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, ଏସ୍‌ସିବି ମେଡିକାଲ କଲେଜ ଡାକ୍ତରୀଛାତ୍ରଙ୍କୁ ଫେରାଇ ନେଇଛି। ଉପଖଣ୍ଡରେ ସଂକ୍ରମିତ ସଂଖ୍ୟା କମିଛି। ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ସୁନୀଲ କୁମାର ପଣ୍ଡା କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟ ହେଉଛି। କରୋନା ରୋଗୀଙ୍କ ପାଇଁ ଡାକ୍ତରଖାନାରେ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି।




ଆଠମଲ୍ଲିକ କଲେଜ ଛାତ୍ରାବାସଠାରେ ଖୋଲାଯାଇଥିବା ସିସିସି।

## ଡ୍ରେନ୍ ନିର୍ମାଣ ହେଉ ନ ଥିବାରୁ ଅସନ୍ତୋଷ

ବଇଣ୍ଡା,୧୮।୬(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକରେ ଡ୍ରେନ୍ ନିର୍ମାଣ ହେଉନି। ଫଳରେ ସାମାନ୍ୟ ବର୍ଷାରେ ବହୁ ଲୋକଙ୍କ ଘରେ ପାଣି ପଶିଯାଉଛି। ଏ ନେଇ ଗ୍ରାମବାସୀ ଗୁରୁବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ୪ ଲେନ କାର୍ଯ୍ୟ ଚାଲିଛି। ବଇଣ୍ଡା ଚନ୍ଦନ ପୋଖରୀଠାରୁ କଦଳୀମୁଣ୍ଡା ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ପାଇଁ ମାଟି ତଡ଼ାଯାଇଥିଲା। ମାତ୍ର ୩ ଶହ ମିଟର ଡ୍ରେନ ନିର୍ମାଣ ହୋଇଥିବାବେଳେ ଆଉ ୧ କିଲୋମିଟର କାର୍ଯ୍ୟ ବକେୟା ରହିଛି। ଫଳରେ ସାମାନ୍ୟ ବର୍ଷାରେ ରାସ୍ତା ପାର୍ଶ୍ୱରେ ରହୁଥିବା ଲୋକଙ୍କ ଘରେ ପାଣି ପଶିଯାଉଛି। ତୁରନ୍ତ ଠିକାସଂସ୍ଥା ଓ ଜିଲା ପ୍ରଶାସନ ପକ୍ଷରୁ ଦେବାକୁ ଭାଜପା ନେତା ଭାଗରଥୀ ପ୍ରଧାନ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ରାଜା ଶର୍ମା, ରମେଶ ତିବ୍ରୱାଲା, ଠେକୁଆ ମହାପାତ୍ର, ଟୁକୁ ଦେହୁରୀ, ରମେଶ ବେହେରା, ଦିଲୀପ ବେହେରା, ଆଶିଷ ବେହେରା, ସର୍ବେଶର ସାହୁ ପ୍ରମୁଖ ଦାବି କରିଛନ୍ତି। ଠିକାସଂସ୍ଥା ପରିଚାଳକ ଗେଲିଡେବେରା ପଦ୍ମନାଭନ କୁହନ୍ତି, କରୋନା ପାଇଁ ଶ୍ରମିକ ନ ଥିବା ଯୋଗୁ କାମ ହେଇପାରୁ ନାହିଁ। ପରିସ୍ଥିତିରେ ସୁଧାର ଆସିଲେ ଶୀଘ୍ର କାମ ଆରମ୍ଭ ହେବ।



ଏକ ଘରେ ବର୍ଷା ପାଣି ପଶିଯାଇଛି।

## ଚିକିତ୍ସା ପାଇଁ ୧୫ କି.ମି. ଚାଲୁଛନ୍ତି ପୂର୍ଣ୍ଣ

ପାଲଲହଡ଼ା,୧୮।୬(ଡି.ଏନ.ଏ.)

କିଡ୍‌ନୀ ରୋଗର ଚିକିତ୍ସା ପାଇଁ ସମ୍ବଳ ନାହିଁ। କେବଳ ସପ୍ତାହେ କିମ୍ବା ଦୁଇ ସପ୍ତାହରେ ଥରଟିଏ ନିକଟସ୍ଥ ଉପଖଣ୍ଡ ମେଡିକାଲକୁ ଯାଇ ପରିସ୍ରା ନଳୀ ବଦଳାଉଛନ୍ତି। ହେଲେ ୧୫ କିଲୋମିଟର ଗାଡ଼ିରେ ଯିବାକୁ ତାଙ୍କ ନିକଟରେ ଅର୍ଥର ଅଭାବ ରହିଛି। ସରକାରଙ୍କ ୧୦୮ ଆମ୍ବୁଲାନ୍ସ ଯୋଜନା ମଧ୍ୟ ତାଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ତେଣୁ ଗୁରୁତର ଅବସ୍ଥାରେ ସ୍ତ୍ରୀଙ୍କ ହାତଧରି ଏତେ ଦୂର ଚାଲି ଚାଲି ଡାକ୍ତରଖାନା ଯାଏ ଯିବାକୁ ବାଧ୍ୟ ହେଉଛନ୍ତି ଦେବଗଡ଼ ଜିଲା ବାରକୋଟ ବ୍ଲକ ଗୁରୁସଙ୍ଗ ଗ୍ରାମର ପୂର୍ଣ୍ଣ ପ୍ରଧାନ (୫୫)।

ପୂର୍ଣ୍ଣଙ୍କ ଘର ଦେବଗଡ଼ ହୋଇଥିଲେ ମଧ୍ୟ ସେ ଚିକିତ୍ସା ପାଇଁ ପଡ଼ୋଶୀ ଅନୁଗୋଳ ଜିଲା ପାଲଲହଡ଼ା ମେଡିକାଲ ଉପରେ ନିର୍ଭର କରନ୍ତି। ପ୍ରତିଥର ପରି ଶୁକ୍ରବାର ପୂର୍ଣ୍ଣ ସ୍ତ୍ରୀ ମାର୍ଗଶିର ପ୍ରଧାନଙ୍କ ସହିତ ଚାଲି ଚାଲି ମେଡିକାଲ ଯାଉଥିବା ବେଳେ ବାଲିପଶି ପଞ୍ଚାୟତ ହାତୀଘଞ୍ଚ। ରେନ୍‌ବୋ କ୍ଲବର ସଦସ୍ୟମାନେ ତାଙ୍କୁ ଅଟକାଇଥିଲେ। ତାଙ୍କ ଦୟନୀୟ ଅବସ୍ଥା ଦେଖି ସେମାନଙ୍କ ପାଇଁ ଖାଇବା ବ୍ୟବସ୍ଥା କରିଥିଲେ। ପରେ ଏକ ଅଟୋ ଡାକି ଡାକ୍ତରଖାନା ପଠାଇଥିଲେ। ଗରିବ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ବିନା ମୂଲ୍ୟରେ ଆମ୍ବୁଲାନ୍ସଠାରୁ ଆରମ୍ଭ କରି ଚିକିତ୍ସା ଯାଏ ଅନେକ ବ୍ୟବସ୍ଥା କରିଥିଲେ ମଧ୍ୟ ପୂର୍ଣ୍ଣଙ୍କ ପରି ଗରିବ, ଅସହାୟ ଲୋକମାନେ ଏଥିରୁ ବଞ୍ଚିତ ରହିବା ଘଟଣା ବାରମ୍ବାର ଦେଖାଯାଉଛି। ତେଣୁ ପୂର୍ଣ୍ଣଙ୍କ ଚିକିତ୍ସା ବ୍ୟବସ୍ଥା କିପରି ସୁବିଧାରେ କରାଯାଇପାରିବ ସେଥିପାଇଁ ତାଙ୍କୁ ସହାୟତା କରିଥିବା ରେନ୍‌ବୋ କ୍ଲବର ସଦସ୍ୟ ଦିଲେଶର ସାହୁ, ସନାତନ ଗଡନାୟକ, ହେମନ୍ତ ସାହୁ ପ୍ରମୁଖ ଦାବି କରିଛନ୍ତି।



ସ୍ତ୍ରୀଙ୍କ ହାତଧରି ଚାଲି କରି ମେଡିକାଲ ଯାଉଛନ୍ତି ପୂର୍ଣ୍ଣ।

### ମିଳୁନି ସରକାରୀ ଯୋଜନାର ଲାଭ

